## ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

**କଣିହାଁ,(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ପୋଲିସ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ କୃଷ୍ଣ ସାହୁଙ୍କୁ ଗିରଫ କରିଛନ୍ତି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ପଥରମୁଣ୍ଡା ଗ୍ରାମର କୃଷ୍ଣ ଅଧିକ ଟଙ୍କା ପାଇଁ ସ୍ତ୍ରୀ ଲଳିତା ପ୍ରଧାନଙ୍କୁ ନିର୍ଯାତନା ଦେବା ସହ ମାଡ଼ ମରୁଥିଲେ। ଏ ନେଇ ଗତ ୧୨ ତାରିଖରେ ଲଳିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୫/୨୨ରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ଶିବ ମନ୍ଦିର ବାର୍ଷିକ ଉତ୍ସବ

**ବଇଣ୍ଡା,୧୪।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଶିବ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। କଳସ ଶୋଭାଯାତ୍ରା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ପୂଜା ପରେ ଯଥାରୀତିରେ ପୂଜା କରାଯାଇଥିଲା। ବହୁ ନାମ ସଂକୀର୍ତ୍ତନ ଦଳ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର କମିଟି ପକ୍ଷରୁ କୁଞ୍ଜବିହାରୀ ଦେହୁରି, ଗ୍ରାମ ସଭାପତି ଭୀମସେନ ପ୍ରଧାନ, ଅର୍ଜୁନ ଦେହୁରୀ, ହୃଦାନନ୍ଦ ପ୍ରଧାନ, ଭୀଷ୍ମ ଦେହୁରୀ, ବିଷ୍ଣୁ ପ୍ରଧାନ ସହଯୋଗ କରିଥିବାବେଳେ ସର୍ବେଶ୍ୱର ମହାପାତ୍ର, ଦିଲୀପ ଆଚାର୍ଯ୍ୟ ପ୍ରମୁଖ ପୂଜା କରିଥିଲେ।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା



**ବଇଣ୍ଡା,୧୪।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଉନ୍ନୟନ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦୀପ୍ତିମୟୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁଧୀର ପ୍ରଧାନ, ଜିତେନ୍ଦ୍ର ବେହେରା, ମାନସ ସାହୁ, ପରିକ୍ଷିତ ସାହୁ, ଜିଆର୍‌ଏସ୍ ପ୍ରଶାନ୍ତ ପ୍ରଧାନ, ରଞ୍ଜନ ସାହୁ, ପ୍ରତାପ କୁମାର ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ଗ୍ରାମବାସୀ ଯୋଗଦେଇଥିଲେ। ପଞ୍ଚାୟତରେ ଥିବା ସମସ୍ୟାଗୁଡ଼ିକ କିଭଳି ସମାଧାନ ହୋଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ପବିତ୍ରନଗର,୧୪।୩(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ପୋଲିସ ସୋମବାର ଏକ ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଲିଣ୍ଡା ଗ୍ରାମର ଦେବାନନ୍ଦ ବେହେରା(୨୪) ଓ ଗୁରୁ ଚରଣ ବେହେରା(୨୦)। ପୋଲିସ କହିଛି, ସୋମବାର ପାଟ୍ରୋଲିଂ ବେଳେ ଏକଘରିଆ ଜଙ୍ଗଲ ନିକଟରେ ଏକ ଗାଡ଼ିରେ ଯାଉଥିବା ଆଲୁମିନିୟମ ଯାଞ୍ଚ କରାଯାଇଥିଲା। ପଚରାଉଚରା ବେଳେ ଡେରା ଅଞ୍ଚଳର ଏକ ପମ୍ପ ହାଉସରୁ ତାର ଚୋରି କରାଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ପୋଲିସ ୨୦ କେଜି ତାର ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ନଂ. ୮୩/୨୦୨୨ରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅଗ୍ନି ବିପନ୍ନଙ୍କୁ ସହାୟତା



**କଣିହାଁ,୧୪।୩(ଡି.ଏନ.ଏ.):** କଣିହାଁ ବ୍ଲକ ହନୁମାନପୁର ମୁଣ୍ଡାବସ୍ତିରେ ୪ ଦିନ ପୂର୍ବେ ଅଗ୍ନିକାଣ୍ଡ ଘଟି ସୁନୀଲ ଜାମୁଣ୍ଡାଙ୍କ ଘର ଚାଲିଯାଇଥିଲା। ଖବରପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ନୂଆ ସମିତି ସଭ୍ୟା ନମିତା ସାହୁ, ପୂର୍ବତନ ସରପଞ୍ଚ ବିନୟ ପ୍ରଧାନ ଅଗ୍ନିବିପନ୍ନ ପରିବାରକୁ ସୋମବାର ଭେଟି ଖାଦ୍ୟ ସାମଗ୍ରୀ ସହିତ ପିଲାଙ୍କ ପାଠପଢ଼ା ପାଇଁ ପୁସ୍ତକ ଯୋଗାଇ ଦେଇଛନ୍ତି। ପୂର୍ବରୁ ସରପଞ୍ଚ ଲିପିକା ପ୍ରଧାନ ଘଟଣାସ୍ଥଳକୁ ଆସି ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

### ବିଜେଡିର ମିଶ୍ରଣ ପର୍ବ

**ଅନୁଗୋଳ ଅଫିସ,୧୪।୩:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଅନୁଗୋଳ ପୌରପାଳିକା ୱାର୍ଡ ନଂ. ୧୫ର ବହୁ ଭାଜପା ଓ କଂଗ୍ରେସ କର୍ମୀ ସୋମବାର ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଜିଲା ବିଜେଡି କାର୍ଯ୍ୟାଳୟଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଅରୁଣାଭ ସିଂହ, ୧୫ ନଂ. ୱାର୍ଡ ବିଜେଡି ପ୍ରାର୍ଥୀ ସନ୍ତୋଷିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରବି ରଞ୍ଜନ ପରିଡ଼ା, ଅସିତ ମିଶ୍ର, ବିଶ୍ୱଭାଷିନୀ ପାଣି ପ୍ରମୁଖ ବିଜେଡିରେ ଯୋଗଦାନ କରିଥିଲେ।

### ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୪।୩:** ଅନୁଗୋଳ ଜିଲାରୁ ସୋମବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୫୪୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ଜଣେ, ତାଳଚେର ବ୍ଲକ ଅଞ୍ଚଳରୁ ଜଣେ, କଣିହାଁ ବ୍ଲକ ଅଞ୍ଚଳରୁ ଜଣେ, ପାଲଲହଡା ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଜିଲାରୁ ଦିନକରେ ୫ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ମଇଦାନରେ ୨୦୪ ପ୍ରାର୍ଥୀ

## ପ୍ରକାଶ ପାଇଲା ପୌର ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା




**ଅନୁଗୋଳ ଅଫିସ,୧୪।୩**

ଅନୁଗୋଳ ଜିଲାରେ ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ସୀମା ଶେଷ ହେବା ପରେ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ଜିଲାର ଅନୁଗୋଳ ପୌରପାଳିକା, ତାଳଚେର ପୌରପାଳିକା ଓ ଆଠମଲ୍ଲିକ ଏନ୍‌ଏସି ନିର୍ବାଚନ ପାଇଁ ମୋଟ୍ ୨୦୪ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଥିବାବେଳେ ୧୮୪ଜଣ ହେଉଛନ୍ତି କାଉନସିଲର ପ୍ରାର୍ଥୀ।

ଅନୁଗୋଳ ପୌରପାଳିକାରେ ରହିଛି ୨୩ଟି ୱାର୍ଡ। ଏହି ପୌର ସଂସ୍ଥାର ଅଧ୍ୟକ୍ଷ ପଦବୀ ପାଇଁ ବିଜେଡି, ଭାଜପା, କଂଗ୍ରେସ ଓ ସ୍ୱାଧୀନରୁ ମୋଟ୍ ୮ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି। ଏଥିସହ ୭୫ଜଣ କାଉନସିଲର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ପଷ୍ଟ ହୋଇଛି। ସେହିପରି ତାଳଚେର ପୌରପାଳିକାର ୨୧ ୱାର୍ଡର କାଉନସିଲର ପଦବୀ ପାଇଁ ୬୯ଜଣ ପ୍ରାର୍ଥୀ ରହିଥିବା ବେଳେ ପୌର ଅଧ୍ୟକ୍ଷ ପଦବୀ ନିମନ୍ତେ ୭ଜଣ ଲଢ଼େଇ କରୁଛନ୍ତି। ଆଠମଲ୍ଲିକ ଏନ୍‌ଏସିରେ ୧୧ ୱାର୍ଡ ରହିଛି। ଏଠାରେ ଅଧ୍ୟକ୍ଷ ପଦ ପାଇଁ ୫ଜଣ ନିର୍ବାଚନ ମଇଦାନରେ ରହିଛନ୍ତି। କାଉନସିଲର ପଦବୀ ପାଇଁ ୪୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ଜିଲାରେ କଂଗ୍ରେସ ଦୁର୍ବଳ ସ୍ଥିତିରେ ଥିଲେ ମଧ୍ୟ ଏଥର ତ୍ରିମୁଖୀ ଲଢ଼େଇ ହେବା ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଅଁରପାଳ,୧୪।୩(ଡି.ଏନ.ଏ.)**

ସାଂସ୍କୃତିକ ସଙ୍ଗଠନ ସା-ରେ-ଗା-ମା ଏବଂ ସାମାଜିକ ସଙ୍ଗଠନ ସ୍ପନ୍ଦନ ତରଫରୁ ଏକ ରକ୍ତଦାନ ଶିବର ନାଲ୍‌କୋନଗରସ୍ଥିତ ସା-ରେ-ଗା-ମା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନାଲ୍‌କୋ ମାନବସମ୍ବଳ ଏବଂ ପ୍ରଶାସନ ବିଭାଗର ମଣ୍ଡଳୀ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ନାଲକୋନଗର କଲୋନୀ ମୁଖ୍ୟ ପ୍ରଶାସକ ମଣିରଞ୍ଜନ ପଟ୍ଟନାୟକ ରକ୍ତଦାନ ଦ୍ୱାରା ବହୁ ମୂଲ୍ୟବାନ ଜୀବନ ବଞ୍ଚିବା ସମ୍ଭବ ହୋଇପାରୁଛି ବୋଲି କହିଥିଲେ। ଡାକ୍ତର ସତ୍ୟବ୍ରତ ପାଟଯୋଷୀ, ମଞ୍ଜୁଲତା ଶତପଥୀ, ପଦ୍ମନାଭ ପ୍ରଧାନ, ସୁଶୀଲ ବିଶ୍ୱାଳ, ଅନିଲ ବିଶ୍ୱାଳ ଏବଂ ରମେଶ ପାତ୍ର ରକ୍ତଦାନ କାର୍ଯ୍ୟ ସମ୍ପାଦନା କରିଥିଲେ। ବିଭୂତି ଶତପଥୀ, ଅତିଥି ରଞ୍ଜନ ସ୍ୱାଇଁ, ଦେବାଶିଷ ମିଶ୍ର, ତପନ କୁମାର ମିଶ୍ର, ସତ୍ୟବାନ ବେହେରା, ଦେବେଶ ଧଳ, ସୁରଞ୍ଜନ ମଲ୍ଲିକ, ପ୍ରଦୀପ୍ତ କୁମାର ସାହୁ, ହରେକୃଷ୍ଣ ନାଥ, ଲଳିତ ରଞ୍ଜନ ମହାପାତ୍ର, କିଶୋର କୁମାର ବେହେରା, ବିଭୁ ପ୍ରସାଦ ଶତପଥୀ, ଲୋକନାଥ ସାହୁ ଏବଂ ଚିତ୍ତରଞ୍ଜନ ମହନ୍ତ, ପ୍ରୀତମ୍ କୁମାର ସାହୁ ସହଯୋଗ କରିଥିଲେ।

## ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

**ଛେଣ୍ଡିପଦା,୧୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ପାତ୍ରପଡାଠାରେ ପାରିବାରିକ ଗଣ୍ଡଗୋଳରେ ଜଣେ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ କହିଛି, ପାତ୍ରପଡା ଚାକୁଣ୍ଡାମୁଣ୍ଡା ସାହିର ପିଣ୍ଟୁ ବେହେରା ଅନ୍ୟ ଜାତିର ଝିଅଙ୍କୁ ବିବାହ କରିବା ସହିତ ଝାରସୁଗୁଡାରେ ରହୁଥିଲେ। କିଛିଦିନ ତଳେ ସେ ଘରକୁ ଆସି ଘରେ ରହୁଥିଲେ। ଏହାକୁ ନେଇ ପିଣ୍ଟୁ ଓ ତାଙ୍କ ବାପା ଶୁକଦେବ ବେହେରାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପିଣ୍ଟୁ ଭୁଜାଲିରେ ବାପାଙ୍କ ବେକ କାଟିଦେବାକୁ ଉଦ୍ୟମ କରିଥିଲେ। ହେଲେ ବାପା ଶୁକ ଭୁଜାଲି ଧରିପକାଇବାରୁ ସେ ଆହତ ହୋଇଥିଲେ। ଏ ନେଇ ଶୁକଦେବ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଆଶିଷ କୁମାର ଦାସ ନଂ ୧୧୩/୨୨ରେ ମାମଲା ରୁଜୁ କରିବା ସହିତ ପିଣ୍ଟୁଙ୍କୁ ଗିରଫ କରିଛନ୍ତି।

## ବଇଣ୍ଡାରେ ଫଗୁଦଶମୀ

**ବଇଣ୍ଡା,୧୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ରବିବାର ରାଧାକୃଷ୍ଣଙ୍କ ଫଗୁ ଦଶମୀ ନୀତି ପାଳିତ ହୋଇଯାଇଛି। ପୂଜକ ମଦନ ମୋହନ ମିଶ୍ର ପୂଜା କରିଥିବାବେଳେ ଘାସିନାଥ ବେହେରା କର୍ତ୍ତା ଭାବେ ଯୋଗଦେଇଥିଲେ। ଠାକୁରଙ୍କଠାରେ ଫଗୁ ଲାଗିପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଫଗୁ ଖେଳ ହୋଇଥିଲା। ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ମହେଶ ସାହା, ରମେଶ ଚନ୍ଦ୍ର ଟିବ୍ରିୱାଲା, ମାନସ କୁମାର ସାହୁ, ରମାକାନ୍ତ ବେହେରା, ରମେଶ କୁମାର ବେହେରା, ଦୀପକ ବେହେରା, ସୁଧୀର ପ୍ରଧାନ, ଚିନୁ ପ୍ରଧାନ, ପ୍ରାଣବନ୍ଧୁ ବେହେରା, ସଞ୍ଜୟ ସାହୁ, ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



ଗ୍ରାମବାସୀ ଫଗୁ ଖେଳରେ ମଜ୍ଜିଯାଇଛନ୍ତି।

## ଉନ୍ନୟନ କାର୍ଯ୍ୟର ଭୂମିପୂଜା

**ବଇଣ୍ଡା,୧୪।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସିମିଳିଆ ଗ୍ରାମରେ ସୋମବାର ପଞ୍ଚାୟତ ପକ୍ଷରୁ ସୋପିଟ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରତ୍ୟେକ ପରିବାରକୁ ବର୍ଷାଜଳ ଗଚ୍ଛିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାରୁ ଏହି ସୋପିଟ ନିର୍ମାଣ ହେବା ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ପ୍ରଥମେ ସାନହୁଲା ପଞ୍ଚାୟତର ସିମିଳିଆଠାରେ ଏହାର ଶୁଭ ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ସସ୍ମିତା ବେହେରା, ନାଏବ ସରପଞ୍ଚ ସୁଧୀର ପ୍ରଧାନ, ୱାର୍ଡମେମ୍ବର ରଶ୍ମିତା ନାୟକ, ଦୀପ୍ତିମୟୀ ପ୍ରଧାନ, ନରହରି ବେହେରା, ମହେଶ୍ୱର ସେଠୀ, ଲମ୍ବୋଦର ବେହେରା, କ୍ଷୀରୋଦ ସାହୁ, ପୀତବାସ ସାହୁ, ବଜେନ୍ଦ୍ର ଅଦାବର ପ୍ରମୁଖ ଯୋଗଦେଇଥିଲେ।

## 'ବିଜେଡି ଅହଂକାରୀ ହୋଇଯାଇଛି'

**ଅନୁଗୋଳ ଅଫିସ,୧୪।୩**

ରାଜ୍ୟରେ ବିଜେଡିର ଗୁଣ୍ଡାଗର୍ଦ୍ଦି ଓ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଜାଣିଶୁଣି ଗାଡି ଚଢ଼େଇଦେବା ଘଟଣାର ପ୍ରତିବାଦରେ ଅନୁଗୋଳ ଜିଲା ଭାଜପା ପକ୍ଷରୁ ସୋମବାର ଏକ ମୌନ ସତ୍ୟାଗ୍ରହ ତହସିଲ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ କହିଲେ ଯେ, କ୍ଷମତା ନିଶାରେ ବିଜେଡି ଅହଙ୍କାରୀ ହୋଇଯାଇଛି। ଦଳର ନେତା, ମନ୍ତ୍ରୀମାନେ ବିଭିନ୍ନ ସଙ୍ଗିନ ଆପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ଦୁର୍ନୀତି କଥା ନ କହିଲେ ଭଲ। ତେଣୁ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ବିଶ୍ୱଜିତ ମିଶ୍ର, ସୁନୀଲ କୁମାର ସାହୁ, ଚନ୍ଦ୍ରକାନ୍ତ ଧଳ, ଦିଲୀପ କୁମାର ଦାସ, ନମିତା ଦଳ ବେହେରା, ସୁଷମା ବେହେରା, କଳ୍ପନା ସାହୁ, ବିଜୟ ମାଝି, ସରିତା ମିଶ୍ର, ମହମ୍ମଦ ସବୀର, ରାଜେଶ ଜିନ୍ଦଲ, ଗୋପାଳ ଦାସ, କମଳକାନ୍ତ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




ତହସିଲ ସମ୍ମୁଖରେ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

## ଅନୁଗୋଳ ପୌର ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ଅଧ୍ୟକ୍ଷ | | ଅନିରୁଦ୍ଧ ଦାସ-ସ୍ୱାଧୀନ |
| | | ଅକ୍ଷୟ କୁମାର ସାମନ୍ତ-ବିଜେଡି |
| | | ଗୁରୁପ୍ରସାଦ ପ୍ରଧାନ-ସ୍ୱାଧୀନ |
| | | ଦିଲୀପ କୁମାର ପ୍ରଧାନ-ଭାଜପା |
| | | ପ୍ରଭା ପ୍ରସାଦ ନନ୍ଦ-ସ୍ୱାଧୀନ |
| | | ପ୍ରଶାନ୍ତ କୁମାର ନାୟକ- ସ୍ୱାଧୀନ |
| | | ବଳବୀର ସିଂ- କଂଗ୍ରେସ |
| | | ବାପୁଜୀ ପ୍ରଧାନ-ଆପ୍ |
| କାଉନସିଲର | ନଂ.୧ | ଦିବ୍ୟାନିଶ ସ୍ୱାଇଁ-ଭାଜପା |
| | | ପ୍ରତିମା ବେହେରା-କଂଗ୍ରେସ |
| | | ସୁକାନ୍ତି ଦାସ- ବିଜେଡି |
| କାଉନସିଲର | ନଂ.୨ | ଉଷା ସାମଲ-ବିଜେଡି |
| | | ଉଲ୍ଲାସ ସାହୁ-ସ୍ୱାଧୀନ |
| | | ମଧୁମିତା କର-ଭାଜପା |
| | | ରିଜିୱାନା ବେଗମ-କଂଗ୍ରେସ |
| | | ଲିପିକା ନାଏକ- ସ୍ୱାଧୀନ |
| କାଉନସିଲର | ନଂ୩ | ମଞ୍ଜୁଲତା ଦେହୁରୀ-ବିଜେଡି |
| | | ସୁମିତ୍ରା ବେହେରା-କଂଗ୍ରେସ |
| | | ସୁହାନା ବେଗମ-ଭାଜପା |
| କାଉନସିଲର | ନଂ.୪ | ଅନୁପମା ସାହୁ-ଭାଜପା |
| | | ସଙ୍ଗୀତା ଦେବୀ ବାଗ୍ରୋଡିଆ- ବିଜେଡି |
| କାଉନସିଲର | ନଂ.୫ | ଜଳନ୍ଧର ଗଡ଼ନାୟକ-କଂଗ୍ରେସ |
| | | ଭୀମସେନ ମାଣ୍ଡୋଠିଆ-ଭାଜପା |
| | | ମୋହନ ପ୍ରଧାନ-ସ୍ୱାଧୀନ |
| | | ରଣଜିତ ମାଣ୍ଡୋଠିଆ-ବିଜେଡି |
| କାଉନସିଲର | ନଂ.୬ | କିଶୋର କୁମାର ଶର୍ମା-କଂଗ୍ରେସ |
| | | ରଘୁବୀର ସିଂହ-ସ୍ୱାଧୀନ |
| | | ରାଜେଶ କୁମାର ଶେକତାରିଆ-ଭାଜପା |
| | | ସୁଶୀଲ ମୁଖୀ-ବିଜେଡି |
| କାଉନସିଲର | ନଂ.୭ | ଦିଲୀପ ସାହୁ-ସ୍ୱାଧୀନ |
| | | ନିରଞ୍ଜନ କର-ଭାଜପା |
| | | ରଞ୍ଜିରଞ୍ଜନ ସାହୁ-କଂଗ୍ରେସ |
| | | ସନ୍ଦୀପ ସାହୁ-ବିଜେଡି |
| କାଉନସିଲର | ନଂ.୮ | କୈଳାସ ପ୍ରଧାନ-ଭାଜପା |
| | | ବିଚିତ୍ର ନାଏକ-ବିଜେଡି |
| | | ବିଜୁ ଭୋଇ-କଂଗ୍ରେସ |
| | | ବିଷ୍ଣୁଚରଣ ମିଶ୍ର-ସ୍ୱାଧୀନ |
| କାଉନସିଲର | ନଂ.୯ | ଧର୍ମେନ୍ଦ୍ର ନାଥ ମିଶ୍ର-ସ୍ୱାଧୀନ |
| | | ପୂର୍ଣ୍ଣଚନ୍ଦ୍ର ରାଉତ-ବିଜେଡି |
| | | ରବୀନ୍ଦ୍ର ନାଥ ମିଶ୍ର-ସ୍ୱାଧୀନ |
| | | ସରିତା ମିଶ୍ର-ଭାଜପା |
| | | ସୌମ୍ୟରଞ୍ଜନ ସାହୁ-କଂଗ୍ରେସ |
| କାଉନସିଲର | ନଂ.୧୦ | ଚୁନି ପ୍ରଧାନ-ବିଜେଡି |
| | | ସୁପ୍ରଭା କର-ଭାଜପା |
| କାଉନସିଲର | ନଂ.୧୧ | କାର୍ତ୍ତିକ ପରିଡ଼ା-ବିଜେଡି |
| | | ପ୍ରଭଞ୍ଜନ ପ୍ରଧାନ-କଂଗ୍ରେସ |
| | | ମନୋଜ କୁମାର ନାଏକ-ଭାଜପା |
| | | ଶ୍ୱେତପଦ୍ମା ମିଶ୍ର- ସ୍ୱାଧୀନ |
| କାଉନସିଲର | ନଂ.୧୨ | ଜ୍ୟୋତ୍ସ୍ନାରାଣୀ ମଣ୍ଡଳ-ବିଜେଡି |
| | | ମମତା ମହାରଣା-କଂଗ୍ରେସ |
| | | ସ୍ନେହଲତା ମହାରଣା-ଭାଜପା |
| କାଉନସିଲର | ନଂ.୧୩ | ଅଭିଶେକ ପ୍ରଧାନ-କଂଗ୍ରେସ |
| | | ଜଗଦୀଶ ନାୟକ-ବିଜେଡି |
| | | ସୁଜାତା ପଲାର-ଭାଜପା |
| କାଉନସିଲର | ନଂ.୧୪ | ନିରୂପମା ନାଥ-ବିଜେଡି |
| | | ବିଜୟ ରଞ୍ଜନ ଦାସ-କଂଗ୍ରେସ |
| | | ସୁଲୋଚନା ଦିବେଦୀ-ଭାଜପା |
| କାଉନସିଲର | ନଂ.୧୫ | ମୀନତୀ ନାଏକ-ଭାଜପା |
| | | ସନ୍ତୋଷିନୀ ନାଏକ-ବିଜେଡି |
| କାଉନସିଲର | ନଂ.୧୬ | ପ୍ରବୀର କୁମାର ଜେନା-ଭାଜପା |
| | | ବିଶ୍ୱରଞ୍ଜନ ପାଣିଗ୍ରାହୀ-କଂଗ୍ରେସ |
| | | ସଦାନନ୍ଦ ପଣ୍ଡା- ବିଜେଡି |
| କାଉନସିଲର | ନଂ.୧୭ | ଶାରୀ ପ୍ରଧାନ-କଂଗ୍ରେସ |
| | | ସୀତା ସୋରେନ-ବିଜେଡି |
| | | ସଂଯୁକ୍ତା ନନ୍ଦ-ଭାଜପା |
| କାଉନସିଲର | ନଂ.୧୮ | ତୁଷାର ସେଠୀ-ଭାଜପା |
| | | ଶଙ୍କର ସେଠୀ-ବିଜେଡି |
| | | ସୁଷମାରାଣୀ ସେଠୀ-କଂଗ୍ରେସ |
| କାଉନସିଲର | ନଂ.୧୯ | କଲ୍ଲୋଳକାନ୍ତ ସାହୁ-ଭାଜପା |
| | | ବଳରାମ ଜେନା-ବିଜେଡି |
| | | ଭଗବାନ ମହାନ୍ତି-କଂଗ୍ରେସ |
| କାଉନସିଲର | ନଂ.୨୦ | ରାକ୍ଷୀ ସେଠୀ-ବିଜେଡି |
| | | ରେଣୁକା ଦେଈ-ଭାଜପା |
| କାଉନସିଲର | ନଂ.୨୧ | ପଦ୍ମାଳୟା ନନ୍ଦ-ବିଜେଡି |
| | | ଭଗବତୀ ଥାପା-କଂଗ୍ରେସ |
| | | ସକୁନ୍ତଳା ଦାସ-ଭାଜପା |
| କାଉନସିଲର | ନଂ.୨୨ | ଖୁସବୁ ଅଗ୍ରୱାଲ-ବିଜେଡି |
| | | ପ୍ରଜ୍ଞା ଦାସ-ଭାଜପା |
| | | ରଶ୍ମିତା ଦାସ-ସ୍ୱାଧୀନ |
| | | ସ୍ୱାଗତିକା ସାହୁ-କଂଗ୍ରେସ |
| କାଉନସିଲର | ନଂ.୨୩ | ବିମଳା ଦେବୀ-କଂଗ୍ରେସ |
| | | ରେଶ୍ମା -ଭାଜପା |
| | | ସୂର୍ଯ୍ୟସ୍ମାତା ସାହୁ-ବିଜେଡି |

## ତାଳଚେର ପୌର ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ଅଧ୍ୟକ୍ଷ | | ପବିତ୍ର ଭୂତିଆ- ବିଜେଡି |
| | | ଯଯାତିକେଶରୀ ପଟ୍ଟନାୟକ-ଭାଜପା |
| | | ମାନସ ରଞ୍ଜନ ବାଇ-କଂଗ୍ରେସ |
| | | ନାରାୟଣ ମହାରଣା-ସ୍ୱାଧୀନ |
| | | ପୀତାମ୍ବର ଦାସ-ସ୍ୱାଧୀନ |
| | | ବାଙ୍କନିଧି ମହାପାତ୍ର-ସ୍ୱାଧୀନ |
| | | ରଞ୍ଜିତ କୁମାର ମହାପାତ୍ର-ସ୍ୱାଧୀନ |
| କାଉନସିଲର | ନଂ.୧ | ଆସିଫ ଖାଁ-ବିଜେଡି |
| | | ରଶ୍ମିରଞ୍ଜନ ତୁଙ୍ଗସାମନ୍ତ-ସ୍ୱାଧୀନ |
| | | ସନ୍ତୋଷ କୁମାର ବେହେରା-କଂଗ୍ରେସ |
| | | ସୁକାନ୍ତ ରାୟ-ପଦ୍ମ |
| କାଉନସିଲର | ନଂ.୨ | ଗିରିଜା ଶଙ୍କର ମିଶ୍ର, ସ୍ୱାଧୀନ |
| | | ଜ୍ଞାନେସ କୁମାର ମିଶ୍ର-ଭାଜପା |
| | | ଭବାନୀଶଙ୍କର ରଥ-ସ୍ୱାଧୀନ |
| | | ଯଶୋବନ୍ତ ମିଶ୍ର-ବିଜେଡି |
| କାଉନସିଲର | ନଂ.୩ | ଲିପିକା ବେହେରା-ବିଜେଡି |
| | | ଲିସା ସିଠ-ଭାଜପା |
| କାଉନସିଲର | ନଂ.୪ | ଜଗନ୍ନାଥ ଗଡ଼ନାୟକ-ବିଜେଡି |
| | | ଯଶୋବନ୍ତ ଦାସ-ଭାଜପା |
| କାଉନସିଲର | ନଂ.୫ | ପ୍ରଫୁଲ୍ଲ ନାଏକ-କଂଗ୍ରେସ |
| | | ବିଶୁ ବେହେରା-ଭାଜପା |
| | | ସଞ୍ଜୀବ କୁମାର ବେହେରା-ବିଜେଡି |
| କାଉନସିଲର | ନଂ.୬ | ଆଲୋକ ଭୂତିଆ-ସ୍ୱାଧୀନ |
| | | ଗଣପତି ସାହୁ-କଂଗ୍ରେସ |
| | | ଜିତେନ୍ଦ୍ର ଦାସ-ଭାଜପା |
| | | ଜିତେନ୍ଦ୍ର ଭୂତିଆ-ବିଜେଡି |
| | | ପୀତାମ୍ବର ଦାସ-ସ୍ୱାଧୀନ |
| କାଉନସିଲର | ନଂ.୭ | ଉର୍ମିଳା ବେହେରା-ବିଜେଡି |
| | | କାଞ୍ଚନ ବେହେରା-ଭାଜପା |
| | | ଗାୟତ୍ରୀ ବେହେରା-କଂଗ୍ରେସ |
| କାଉନସିଲର | ନଂ.୮ | ବଳରାମ ବେହେରା-ବିଜେଡି |
| | | ସନ୍ତୋଷ ବେହେରା-ଭାଜପା |
| କାଉନସିଲର | ନଂ.୯ | ଅଞ୍ଜନ ମହାପାତ୍ର-ସ୍ୱାଧୀନ |
| | | କବିତା ମହାରଣା-କଂଗ୍ରେସ |
| | | ପଙ୍କଜିନୀ ମହାନ୍ତି-ଭାଜପା |
| | | ମମତା ରାଉତ-ବିଜେଡି |
| କାଉନସିଲର | ନଂ.୧୦ | ଅଜିତ କୁମାର ସାହୁ-ବିଜେଡି |
| | | ଅବିନାଶ କାନୁନ୍‌ଗୋ-ଭାଜପା |
| | | ପୀତାମ୍ବର ଦାସ-ସ୍ୱାଧୀନ |
| | | ପ୍ରଦୀପ ମହାରଣା-କଂଗ୍ରେସ |
| କାଉନସିଲର | ନଂ. ୧୧ | ନିରୁପମା ପଟ୍ଟନାୟକ-ବିଜେଡି |
| | | ପିଙ୍କି ନାଏକ-ଭାଜପା |
| | | ମମତା ନାଏକ-ସ୍ୱାଧୀନ |
| | | ରେବତୀ ନାଏକ-ତାଳଚେର |
| କାଉନସିଲର | ନଂ.୧୨ | ଅଜୟ ରଞ୍ଜନ ଦାସ-ସ୍ୱାଧୀନ |
| | | ଗୋବିନ୍ଦ ଚନ୍ଦ୍ର ହାଁସଦା-କଂଗ୍ରେସ |
| | | ନାରାୟଣ ସେଠୀ-ସ୍ୱାଧୀନ |
| | | ବୀରେନ୍ଦ୍ର ଖଣ୍ଡୁଆଲ-ଭାଜପା |
| | | ଶିବେନ୍ଦ୍ର ବେହେରା-ସ୍ୱାଧୀନ |
| | | ସଞ୍ଜୀବ ଗଡ଼ନାୟକ-ବିଜେଡି |
| | | ଲକ୍ଷ୍ମଣ ମହାରଣା-ସ୍ୱାଧୀନ |
| କାଉନସିଲର | ନଂ୧୩ | ରୂପଶ୍ରୀ ସ୍ୱାଇଁ-ବିଜେଡି |
| | | ସୁଜାତା ବେହେରା-ଭାଜପା |
| କାଉନସିଲର | ନଂ.୧୪ | ବଲବିନ୍ଦର କୌର୍‌-ବିଜେଡି |
| | | ଲିଶାରାଣୀ ସାହୁ-ଭାଜପା |
| କାଉନସିଲର | ନଂ୧୫ | ଅଞ୍ଜନା ମହାରଣା-କଂଗ୍ରେସ |
| | | କବିତା ବେହେରା-ଭାଜପା |
| | | ସବିତା ପାଇ-ବିଜେଡି |
| କାଉନସିଲର | ନଂ୧୬ | ଅବିନାଶ ମହାନ୍ତି-ବିଜେଡି |
| | | ବିରଞ୍ଚି ମହାନ୍ତି-ସ୍ୱାଧୀନ |
| | | ସ୍ୱାଧୀନ ଥମ୍ଭ-ଭାଜପା |
| କାଉନସିଲର | ନଂ.୧୭ | ଅମ୍ବିକା ବେହେରା-ବିଜେଡି |
| | | ମାନିନୀ ଖଟୁଆ-କଂଗ୍ରେସ |
| | | ମୀନା ଖଟୁଆ-ଭାଜପା |
| କାଉନସିଲର | ନଂ.୧୮ | ବନିତା ସାହୁ-ଭାଜପା |
| | | ଲୀନା ସାହୁ-ବିଜେଡି |
| କାଉନସିଲର | ନଂ.୧୯ | ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ-ବିଜେଡି |
| | | ସୁଭଦ୍ରା ବାରିକ-ଭାଜପା |
| କାଉନସିଲର | ନଂ.୨୦ | ଟୁକୁନା ମହାପାତ୍ର-ସ୍ୱାଧୀନ |
| | | ବାଲ୍ମୀକ ପ୍ରସାଦ କେଶରୀ-ଭାଜପା |
| | | ଭାଗିରଥୀ ନାଏକ-କଂଗ୍ରେସ |
| | | ରାଜକିଶୋର ଦାଶ-ସ୍ୱାଧୀନ |
| | | ଶାନ୍ତନୁ କୁମାର ମିଶ୍ର-ବିଜେଡି |
| କାଉନସିଲର | ନଂ୨୧ | ଅନିତା ବିଶ୍ୱାଳ-ଭାଜପା |
| | | ତାରାବତୀ ସାହୁ-ବିଜେଡି |
| | | ରାଜଲକ୍ଷ୍ମୀ ନାଏକ-କଂଗ୍ରେସ |

## ଆଠମଲ୍ଲିକ ଏନ୍‌ଏସି ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ଅଧ୍ୟକ୍ଷ | | ଆଶା କୁମାର ସାହୁ- ବିଜେଡି |
| | | ନିହାର ହୋତା-ସ୍ୱାଧୀନ |
| | | ଯୋଗମାୟା ମହାପାତ୍ର-ଭାଜପା |
| | | ରଞ୍ଜିତା ସିଂହ-କଂଗ୍ରେସ |
| | | ସରଜୁ ସିଂହ ସାମନ୍ତ-ସ୍ୱାଧୀନ |
| କାଉନସିଲର | ନଂ.୧ | ଅବନ୍ତୀ ମୁଣ୍ଡା- କଂଗ୍ରେସ |
| | | ପ୍ରସାନ୍ତି ମଲ୍ଲିକ-ଭାଜପା |
| | | ସିଲି ମୁଣ୍ଡା-ବିଜେଡି |
| କାଉନସିଲର | ନଂ. ୨ | ଇବ୍ରାହିମ ଖାଁ-ବିଜେଡି |
| | | ନଫିଲ ଖାଁ-କଂଗ୍ରେସ |
| | | ପୃଥ୍ୱୀରାଜ ବେହେରା-ଭାଜପା |
| | | ହୁସେନ ମହମ୍ମଦ-ସ୍ୱାଧୀନ |
| କାଉନସିଲର | ନଂ.୩ | କୁନ୍ତି କଅଁର- କଂଗ୍ରେସ |
| | | ପ୍ରୀତି ନାଏକ-ବିଜେଡି |
| | | ସବିତା କଅଁର-ଭାଜପା |
| କାଉନସିଲର | ନଂ.୪ | ଚାନ୍ଦିନୀ ନାଏକ-ଭାଜପା |
| | | ନମିତା ରଣଭଇଁସା-କଂଗ୍ରେସ |
| | | ମନ୍ଦଦୋରୀ ବେହେରା-ବିଜେଡି |
| କାଉନସିଲର | ନଂ.୫ | ଦେବବ୍ରତ ପ୍ରଧାନ-କଂଗ୍ରେସ |
| | | ପ୍ରଦୀପ କୁମାର ଦନ୍ତା-ଭାଜପା |
| | | ସମ୍ବିତ ସୌରଭ ଦାସ-ବିଜେଡି |
| କାଉନସିଲର | ନଂ.୬ | ଅନିଲ କୁମାର ପାଣିଗ୍ରାହୀ-କଂଗ୍ରେସ |
| | | ଗଦାଧର ସ୍ୱାଇଁ-ବିଜେଡି |
| | | ଦଣ୍ଡପାଣି ଗିରି-ସ୍ୱାଧୀନ |
| | | ସୁରଜ କୁମାର ପ୍ରଧାନ-ଭାଜପା |
| କାଉନସିଲର | ନଂ.୭ | ନୂତନ ବେହେରା-ଭାଜପା |
| | | ପରମେଶ୍ୱର ନାଏକ-ସ୍ୱାଧୀନ |
| | | ଶ୍ରବଣ କ୍ଷେତୀ-ବିଜେଡି |
| | | ଲାଲିଆ ନାଏକ-କଂଗ୍ରେସ |
| କାଉନସିଲର | ନଂ. ୮ | ଇନ୍ଦିରା ସାହୁ-ବିଜେଡି |
| | | ବିଷ୍ଣୁପ୍ରିୟା ମିଶ୍ର-ସ୍ୱାଧୀନ |
| | | ରଞ୍ଜୁବାଳା ମାହାର-ଭାଜପା |
| | | ସସ୍ମିତା ଆଚାର୍ଯ୍ୟ-କଂଗ୍ରେସ |
| କାଉନସିଲର | ନଂ.୯ | ଜୟାନନ୍ଦ ଜ୍ୟୋତିଷରାୟ-ବିଜେଡି |
| | | ଦୀପକ ପାଣ୍ଡେ-ସ୍ୱାଧୀନ |
| | | ଦେବେନ୍ଦ୍ର ପ୍ରଧାନ-କଂଗ୍ରେସ |
| | | ପ୍ରିୟରଞ୍ଜନ ସାହୁ-ସ୍ୱାଧୀନ |
| | | ସନ୍ତୋଷ କୁମାର ହୋତା-ସ୍ୱାଧୀନ |
| | | ସୁଶାନ୍ତ ପ୍ରଧାନ-ଭାଜପା |
| କାଉନସିଲର | ନଂ.୧୦ | ସରିତା ପାଣିଗ୍ରାହୀ-ଭାଜପା |
| | | ସୋନାଲି ରାଉତ-ବିଜେଡି |
| | | ଲିଜା ପ୍ରଧାନ-କଂଗ୍ରେସ |
| କାଉନସିଲର | ନଂ.୧୧ | ପିଙ୍କି ବାଘ-କଂଗ୍ରେସ |
| | | ପୁଷ୍ପାଞ୍ଜଳି ଦେହୁରୀ-ଭାଜପା |
| | | ମଞ୍ଜରୀ ଦନ୍ତା-ବିଜେଡି |

# ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

## ଢେଙ୍କାନାଳ ମ୍ୟୁନିସିପାଲିଟି

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ନଗରପାଳ | | ଅନିମା ନାୟକ-ବିଜେଡି |
| | | ଜୟନ୍ତୀ ପାତ୍ର-ଭାଜପା |
| | | ସ୍ମିତାରାଣୀ ସାମଲ-କଂଗ୍ରେସ |
| | | ସୋନାଲି ରାଉତ-ଏଏପି |
| | | ରାଜଲକ୍ଷ୍ମୀ ବେହେରା-ସ୍ୱାଧୀନ |
| | | ମମତା ପାଣି-ସ୍ୱାଧୀନ |
| | | ଗୁଡ଼ିଆ ଶର୍ମା-ସ୍ୱାଧୀନ |
| କାଉନ୍ସିଲର | ନଂ.୧ | ଚନ୍ଦନ ବେହେରା-ବିଜେଡି |
| | | ବଳରାମ ସେଠୀ-ଭାଜପା |
| | | ବସନ୍ତ ବେହେରା-କଂଗ୍ରେସ |
| | | ମଦନ ବେହେରା-ସ୍ୱାଧୀନ |
| | ନଂ.୨ | ଦୀପ୍ତିରଞ୍ଜନ ସେଠୀ-ବିଜେଡି |
| | | ବିନୋଦ ବିହାରୀ ମଲ୍ଲିକ-ଭାଜପା |
| | | ଦିଲୀପ ନାୟକ-କଂଗ୍ରେସ |
| | | ରଞ୍ଜନ ବେହେରା-ସ୍ୱାଧୀନ |
| | ନଂ.୩ | ଅଭିମନ୍ୟୁ ପଣ୍ଡା-ବିଜେଡି |
| | | ଜ୍ଞାନଚାନ୍ଦ ମିଶ୍ର-ଭାଜପା |
| | | ନିଳିମା ଦାଶ-କଂଗ୍ରେସ |
| | | ଦେବବ୍ରତ ସାହୁ-ଏଏପ |
| | | ସ୍ୱସ୍ତିକ ଶତପଥୀ-ସ୍ୱାଧୀନ |
| | ନଂ.୪ | ଲିପିକା ଦାସ-ବିଜେଡି |
| | | ରତ୍ନପ୍ରଭା ଆଏଚ-ଭାଜପା |
| | | ସୋନାଲି ସ୍ୱାଇଁ-କଂଗ୍ରେସ |
| | | ଐଶ୍ୱର୍ଯ୍ୟା ମହାନ୍ତି-ସ୍ୱାଧୀନ |
| | ନଂ. ୫ | ପ୍ରକାଶ ଚନ୍ଦ୍ର କୁଅଁର-ବିଜେଡି |
| | | ରୁଦ୍ରନାରାୟଣ ତ୍ରିପାଠୀ-ଭାଜପା |
| | | ଦେବେଶ ମିଶ୍ର-ସ୍ୱାଧୀନ |
| | ନଂ.୬ | ସନ୍ଦୀପ ଷଡ଼ଙ୍ଗୀ-ବିଜେଡି |
| | | ସନ୍ତୋଷ ରାଉତ-ଭାଜପା |
| | | ଦୀପକ ମହାପାତ୍ର-ଏଏପି |
| | | ପ୍ରତାପ କୁମାର ପଣ୍ଡା-ସ୍ୱାଧୀନ |
| | ନଂ.୭ | ସସ୍ମିତା ଭଞ୍ଜ-ବିଜେଡି |
| | | ଜୁଲିନା ମହାନ୍ତି-ଭାଜପା |
| | | ସୁବାସିନୀ ମହାପାତ୍ର-କଂଗ୍ରେସ |
| | ନଂ.୮ | ରଶ୍ମିରଞ୍ଜନ ରାଉତ-ବିଜେଡି |
| | | ପ୍ରତାପ ନାୟକ-ଭାଜପା |
| | | ସୁରେଶ ନାୟକ-କଂଗ୍ରେସ |
| | | ଶୈଳେନ୍ଦ୍ର ସାମନ୍ତ-ସ୍ୱାଧୀନ |
| | ନଂ.୯ | ଶକ୍ତି ପ୍ରସାଦ ବେହେରା-ବିଜେଡି |
| | | ସୂର୍ଯ୍ୟପ୍ରତାପ ରାଉତ-ଭାଜପା |
| | | ହୃଦୟାନନ୍ଦ ମହାନ୍ତି-କଂଗ୍ରେସ |
| | ନଂ.୧୦ | କିରଣବାଳା ରାଉତ-ବିଜେଡି |
| | | ସୁମିତ୍ରା ମଲ୍ଲିକ-ଭାଜପା |
| | | ଭାଗ୍ୟଶ୍ରୀ ମଲ୍ଲିକ-କଂଗ୍ରେସ |
| | | ପଦ୍ମିନୀ ନାୟକ-ଏଏପି |
| | ନଂ.୧୧ | ରତ୍ନପ୍ରଭା ସାହୁ-ବିଜେଡି |
| | | ଲକ୍ଷ୍ମୀପ୍ରିୟା ଦଳେଇ-ଭାଜପା |
| | ନଂ.୧୨ | ଶୁଭଲକ୍ଷ୍ମୀ ସାହୁ-ବିଜେଡି |
| | | କଳ୍ପନା ଦାସ-ଭାଜପା |
| | | ଶିଳ୍ପୀଶ୍ରୀ ହରିଚନ୍ଦନ-କଂଗ୍ରେସ |
| | | ନୁସରେହା ବେଗମ୍-ଏଏପି |
| | | ଅଞ୍ଜଳି ପାତ୍ର-ସ୍ୱାଧୀନ |
| | ନଂ.୧୩ | ସାଗିର ମହମ୍ମଦ-ବିଜେଡି |
| | | ଅରବିନ୍ଦ ବେହେରା-ଭାଜପା |
| | | ହାଇଦର ମହମ୍ମଦ-କଂଗ୍ରେସ |
| | | ସୟଦ ସର୍ଫରାଜ ଅଲ୍ଲୀ-ସ୍ୱାଧୀନ |
| | | ଅକ୍ଷୟ ରାଉଳ-ସ୍ୱାଧୀନ |
| | | ନୁରୁଲ ଇସ୍‌ଲାମ ଖାଁ-ସ୍ୱାଧୀନ |
| | ନଂ.୧୪ | ରୁଦ୍ରାନ୍ତ ଦଳେଇ-ବିଜେଡି |
| | | ଅନସୂୟା ବେହେରା-ଭାଜପା |
| | | ସୁନୀଲ କୁମାର ସାହୁ-ଏଏପି |
| | | ବଂଶୀଧର ଦଳେଇ-ସ୍ୱାଧୀନ |
| | ନଂ.୧୫ | ବିମଳ ନାୟକ-ବିଜେଡି |
| | | ନିରଦ କୁମାର ସାହୁ-ଭାଜପା |
| | ନଂ.୧୬ | ସବିତା ବେହେରା-ବିଜେଡି |
| | | ଶୁଭଶ୍ରୀ ଦଳେଇ-ଭାଜପା |
| | ନଂ.୧୭ | ମଧୁସ୍ମିତା ସ୍ୱାଇଁ-ବିଜେଡି |
| | | ପୁଷ୍ପଲତା ମହାପାତ୍ର-ଭାଜପା |
| | ନଂ.୧୮ | ଗୀତା ଦେହୁରୀ-ବିଜେଡି |
| | | ଅଞ୍ଜଳି ମୁଣ୍ଡା-ଭାଜପା |
| | ନଂ.୧୯ | ସନ୍ଧ୍ୟାରାଣୀ ବେହେରା-ବିଜେଡି |
| | | ଅନିତା ମଲ୍ଲିକ-ଭାଜପା, |
| | | ପ୍ରମିଳା ମଲ୍ଲିକ-କଂଗ୍ରେସ |
| | | ଅଞ୍ଜଳି ବେହେରା-ଏଏପି |
| | | ଗୀତାଞ୍ଜଳି ମଲ୍ଲିକ-ସ୍ୱାଧୀନ |
| | ନଂ.୨୦ | ରୋଜାଲିନ ସାହୁ-ବିଜେଡି |
| | | ଲୀଳାବତୀ ସାହୁ-ଭାଜପା |
| | | ଲତା ଦାସ-କଂଗ୍ରେସ |
| | ନଂ.୨୧ | ସନ୍ଧ୍ୟାରାଣୀ ପଣ୍ଡା-ବିଜେଡି |
| | | ମମତା ସାହୁ -ଭାଜପା |
| | | ହରପ୍ରିୟା ନାଥ-କଂଗ୍ରେସ |
| | ନଂ.୨୨ | ଉର୍ବଶୀ ମହାପାତ୍ର-ବିଜେଡି |
| | | ସୁମିତ୍ରା ମଲ୍ଲିକ-ଭାଜପା |
| | | ନିରୁପମା ମଲ୍ଲିକ-କଂଗ୍ରେସ |
| | | ରେବତୀ ସାହୁ-ସ୍ୱାଧୀନ |
| | ନଂ.୨୩ | ବ୍ରହ୍ମାନନ୍ଦ ମଲ୍ଲିକ-ବିଜେଡି |
| | | ବିଦ୍ୟୁତ୍‌ଲତା ବେହେରା-ଭାଜପା |

## କାମାକ୍ଷାନଗର ଏନ୍‌ଏସି

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ଅଧକ୍ଷ | | ଧର୍ମାନନ୍ଦ ପରିଡ଼ା-ବିଜେଡି |
| | | ରଞ୍ଜିତ୍ କୁମାର ସାହୁ-ଭାଜପା |
| | | ସନ୍ତୋଷ ମହାରଣା-କଂଗ୍ରେସ |
| | | ସୁବୋଧ ବେହେରା-ଏଏପି |
| | | ଅଭିମନ୍ୟୁ ନାଏକ -ସ୍ୱାଧୀନ |
| କାଉନ୍‌ସିଲର | ନଂ.୧ | ଶୁକଦେବ ସାହୁ-ବିଜେଡି |
| | ନଂ.୨ | ଶକୁନ୍ତଳା ସେଠୀ-ଶଙ୍ଖ |
| | | ଜିଲି ମହାଲିକ-ଭାଜପା |
| | | ଗୀତାଞ୍ଜଳି ନାଏକ-କଂଗ୍ରେସ |
| | ନଂ.୩ | ଲୋପାମୁଦ୍ରା ମହାରଣା-ବିଜେଡି |
| | | ମଧୁସ୍ମିତା ସାହୁ-ଭାଜପା |
| | ନଂ.୪ | ରୀତା ନାୟକ-ବିଜେଡି |
| | | ଦ୍ରୌପଦୀ ରାଉତ-ଭାଜପା |
| | | ସ୍ୱାଗତିକା ନାଏକ-ସ୍ୱାଧୀନ |
| | ନଂ.୫ | ସରୋଜ ମହାଲିକ-ବିଜେଡି |
| | | ବିମଳ ରାଉତ-ଭାଜପା |
| | ନଂ.୬ | ରିଙ୍କି ବେହେରା-ବିଜେଡି |
| | ନଂ.୭ | ଅଭିମନ୍ୟୁ ପରିଡ଼ା-ବିଜେଡି |
| | ନଂ.୮ | ରୀତାଞ୍ଜଳି ସାହୁ-ବିଜେଡି |
| | ନଂ.୯ | ଜିତେନ୍ଦ୍ର ରାଉଳ-ବିଜେଡି |
| | | ଶେଷଦେବ ନାଥ-ଭାଜପା |
| | ନଂ.୧୦ | ସୌମ୍ୟାଶ୍ରୀ ଜୀ-ବିଜେଡି |
| | | ମାଳତି ମଲ୍ଲିକ-ଭାଜପା |
| | ନଂ.୧୧ | ପ୍ରମୋଦ କ୍ଷେଣ୍ଟ-ବିଜେଡି |
| | | କମଳିନୀ ଖୁଣ୍ଟିଆ-ଭାଜପା |
| | ନଂ.୧୨ | ବନମାଳି ରାଉତ-ବିଜେଡି |
| | | ସିପୁନ ସାହୁ-ଭାଜପା |
| | | ମନୋଜ ପରିଡ଼ା-କଂଗ୍ରେସ |
| | ନଂ.୧୩ | ସଞ୍ଜୟ ପରିଡ଼ା-ବିଜେଡି |
| | ନଂ.୧୪ | ଖୁଲଣା ବେହେରା-ବିଜେଡି |
| | | ଦୀପ୍ତିମୟୀ ଖୁଣ୍ଟିଆ-ଭାଜପା |
| | | ସ୍ମିତାରାଣୀ ରାଉତ-କଂଗ୍ରେସ |
| | ନଂ.୧୫ | କୌଣସି ପ୍ରାର୍ଥୀ ନାହାନ୍ତି |

## ଭୁବନ ଏନ୍‌ଏସି

| ପଦବୀ | ୱାର୍ଡ | ପ୍ରାର୍ଥୀଙ୍କ ନାମ/ଦଳ |
|---|---|---|
| ଅଧକ୍ଷ | | ଶୁଭେନ୍ଦୁ ସାହୁ-ବିଜେଡି |
| | | ନରହରି ସାହୁ-ଭାଜପା |
| | | ବିନୋଦ ମହାରଣା-କଂଗ୍ରେସ |
| | | ମହେଶ୍ୱର ସାହୁ-ଏଏପି |
| | | ଶିବରାମ ସାହୁ-ସିପିଆଇ |
| | | ଜଗବନ୍ଧୁ ପୃଷ୍ଟି-ସ୍ୱାଧୀନ |
| କାଉନ୍‌ସିଲର | ନଂ.୧ | ଗିରିଧାରୀ ସାହୁ-ବିଜେଡି |
| | | ସିନି ମହାରଣା-ଭାଜପା |
| | ନଂ.୨ | ସନ୍ଦୀପ ପୃଷ୍ଟି-ବିଜେଡି |
| | | କୃପାସିନ୍ଧୁ ବେହେରା-ଭାଜପା |
| | | ମନୋରଞ୍ଜନ ନନ୍ଦ-କଂଗ୍ରେସ |
| | | ଅଶୋକ ସାହୁ-ଏଏପି |
| | ନଂ.୩ | ମାନିନି ସାହୁ-ବିଜେଡି |
| | | ଦମୟନ୍ତୀ ଗୁରୁ-ଭାଜପା |
| | ନଂ.୪ | ରଶ୍ମିତା ମିଶ୍ର-ବିଜେଡି |
| | | ସୁଚିତ୍ରା ସାହୁ-ଭାଜପା |
| | | ପ୍ରଣତୀ ପ୍ରତୀକ୍ଷା-କଂଗ୍ରେସ |
| | ନଂ.୫ | ତ୍ରିଲୋଚନ ସାହୁ-ବିଜେଡି |
| | | ରଞ୍ଜିତା ସାହୁ-ଭାଜପା |
| | ନଂ.୬ | ଜୟନ୍ତୀ ପୃଷ୍ଟି-ବିଜେଡି |
| | | ସୁଶାନ୍ତ ନାୟକ-ଭାଜପା |
| | | ବସନ୍ତ ଦାସ-କଂଗ୍ରେସ |
| | ନଂ.୭ | ନରେନ୍ଦ୍ର ବେହେରା-ବିଜେଡି |
| | | ମାୟାଧର ଗୁରୁ-ଭାଜପା |
| | ନଂ.୮ | ସସ୍ମିତା ପୋଥାଲ-ବିଜେଡି |
| | | ସସ୍ମିତା ନାଏକ-ଭାଜପା |
| | | ସୁଷମା ପାତ୍ର-କଂଗ୍ରେସ |
| | ନଂ.୯ | ପପୁ କୁମାର ସାହୁ-ବିଜେଡି |
| | | କୋଦଣ୍ଡଧର ସାହୁ-ଭାଜପା |
| | | ହାଡ଼ିବନ୍ଧୁ ସାହୁ-କଂଗ୍ରେସ |
| | ନଂ.୧୦ | ମାମିନା ସେଠୀ-ବିଜେଡି |
| | | ମଞ୍ଜୁଲତା ସେଠୀ-ଭାଜପା |
| | ନଂ.୧୧ | ସ୍ୱର୍ଣ୍ଣମଞ୍ଜରୀ ସାହୁ-ବିଜେଡି |
| | | ବାସନ୍ତୀ ପୃଷ୍ଟି-ଭାଜପା |
| | ନଂ.୧୨ | କବିତା ସେନାପତି-ବିଜେଡି |
| | | ଶୁଭଦର୍ଶିନୀ ସାହୁ-ଭାଜପା |
| | | ପୁଷ୍ପାଞ୍ଜଳି ପୋଥାଲ-କଂଗ୍ରେସ |
| | ନଂ.୧୩ | କୁଞ୍ଜବନ ବେହେରା-ବିଜେଡି |
| | | ମନୋରଞ୍ଜନ ସାହୁ-ଭାଜପା |
| | | ହରିହର ସାହୁ-କଂଗ୍ରେସ |
| | ନଂ.୧୪ | କଳ୍ପନା ବେହେରା-ବିଜେଡି |
| | | ସଂଯୁକ୍ତା ବେହେରା-ଭାଜପା |
| | | ଝରଣା ବେହେରା-କଂଗ୍ରେସ |
| | ନଂ.୧୫ | ଝୁନା ନାଏକ-ବିଜେଡି |
| | | ରୀନା ନାଏକ-ଭାଜପା |

# ଭାଜପାର ସତ୍ୟାଗ୍ରହ ଧାରଣା

**କାମାକ୍ଷାନଗର/ଭୁବନ, ୧୪।୩(ଡି.ଏନ୍.ଏ.)**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅମାନବୀୟକାଣ୍ଡ ପ୍ରତିବାଦରେ ସାରା ରାଜ୍ୟରେ ଭାଜପା ପକ୍ଷରୁ ସତ୍ୟାଗ୍ରହ ଧାରଣା ଦିଆଯାଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତାମାନେ ମୁହାଁର କଳାପଟି ପିନ୍ଧି ଧାରଣାରେ ବସିଥିଲେ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଅଭିଯୁକ୍ତ ବିଧାୟକଙ୍କୁ ତୁରନ୍ତ ବିଧାନସଭା ସଦସ୍ୟ ପଦରୁ ବହିଷ୍କାର କରିବା ସହ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ନଗରମଣ୍ଡଳ ସଭାପତି ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ରୁଦ୍ରନାରାୟଣ ପାଣି, ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ସଞ୍ଜୟ ରାଉତ, ରଣଜିତ୍ ରାଉତ, ରବିନାରାୟଣ ସାହୁ, ଶେଷଦେବ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭାଜପା ଏନ୍‌ଏସି କାର୍ଯ୍ୟାଳୟରେ ଆୟୋଜିତ ଧାରଣାରେ ବରିଷ୍ଠ ନେତା ଶତ୍ରୁଘ୍ନ ଜେନା, ପୂର୍ବତନ ନଗରପାଳ ନରହରି ସାହୁ, ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା, ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ପ୍ରଭାରୀ ସମୀର ସାହୁ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କ ବର୍ବରୋଚିତ କାର୍ଯ୍ୟର ତୀବ୍ର ନିନ୍ଦା କରିଥିଲେ।

# ସ୍ପିରିଟ୍‌ରେ ତିଆରି ହେଉଥିଲା ମଦ

**ଢେଙ୍କାନାଳ ଅଫିସ/ ଭୁବନ, ୧୪।୩(ଡି.ଏନ୍.ଏ.)**

କୋଲକାତାରୁ ଆସୁଥିଲା ସ୍ପିରିଟ୍। ସେଥିରେ ଏସେନ୍ସ ମିଶାଇ ତିଆରି ହେଉଥିଲା ନକଲି ମଦ। ନାମୀଦାମୀ କମ୍ପାନୀର ଠିପି, ଷ୍ଟିକର ଲଗାଇ ଅନାୟାସରେ ଚାଲିଥିଲା ଏହି ନିଷିଦ୍ଧ ନିଶା କାରବାର। ଗ୍ରାମାଞ୍ଚଳରୁ ସହରରେ ପହଞ୍ଚିବା ପରେ ଚଢ଼ା ଦରରେ ଏହାକୁ ବିକ୍ରି କରାଯାଉଥିଲା। ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ କନ୍ହେଇପାଳ ଗ୍ରାମରୁ ଏଭଳି ଏକ ନକଲି ମଦ ବଟ୍‌ଲିଂ ପ୍ଲାଣ୍ଟକୁ ଠାବ କରିଛି କଟକ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍। ଘଟଣାରେ ମାଷ୍ଟର ମାଇଣ୍ଡ ବିଷ୍ଣୁ ଚରଣ ବେହେରା ଗିରଫ ହୋଇଥିବାବେଳେ ତାଙ୍କ ଘରୁ ଜବତ ହୋଇଛି ଲକ୍ଷାଧିକ ଟଙ୍କାର ସ୍ପିରିଟ୍ ଏବଂ ନକଲି ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ।

ଅନୁଗୋଳ-ଢେଙ୍କାନାଳ-କଟକ-ଭୁବନେଶ୍ୱରରେ ନକଲି ବିଦେଶୀ ମଦ କାରବାର ର୍‍ୟାକେଟ୍ ସକ୍ରିୟ ଥିବା ଜଣାପଡ଼ିବା ପରେ ଅବକାରୀ ବିଭାଗ ସଜାଗ ହୋଇଉଠିଛି। ଗତ ମାସରେ ଅନୁଗୋଳ ରାଣୀଗୁଡ଼ାର ଜୟପ୍ରକାଶ ଗୁପ୍ତାଙ୍କ ଘରୁ ବିପୁଳ ପରିମାଣର ବିଦେଶୀ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଥିଲା। ଅଭିଯୁକ୍ତ ଜୟପ୍ରକାଶ କୋର୍ଟରେ ଆତ୍ମସମର୍ପଣ କରିବାକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରି ହେପାଜତ୍‌କୁ ନେଇଥିଲା। ସେହିପରି ଅରୁଣାଚଳପ୍ରଦେଶରେ ବିକ୍ରି ପାଇଁ ଉଦ୍ଦିଷ୍ଟ ୭୫ ଲକ୍ଷ ଟଙ୍କାର ବିଦେଶୀ ମଦ କଣ୍ଟେନରରେ ଅନୁଗୋଳ ଚାଲାଣ ବେଳେ ଢେଙ୍କାନାଳ ଜିଲା ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲା। ଏହି ଘଟଣାରେ ୫ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଜେରା ବେଳେ ନକଲି ମଦ କାରବାର ସମ୍ପର୍କରେ ବହୁ ତଥ୍ୟ ପଦାକୁ ଆସିଛି। କୋଲକାତାରୁ ଡ୍ରମ୍‌ରେ ସ୍ପିରିଟ୍ ଆଣି କନ୍ହେଇପାଳରେ ନକଲି ମଦ ବଟ୍‌ଲିଂ ପ୍ଲାଣ୍ଟ ଚାଲିଥିବା ଗୋଇନ୍ଦା ସୂଚନା ମିଳିବା ପରେ କଟକ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଅତର୍କିତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୬୦ ଲିଟର ନକଲି ବିଦେଶୀ ମଦ, ୩୬୦ ଲିଟର ସ୍ପିରିଟ୍, ୨୮୫୦ ନକଲି ହଲୋଗ୍ରାମ, ୨୪୦୦ ଠିପି, ୧୦୦୦ ଖାଲି ବୋତଲ, ୧ ଲିଟର କାରାମେଲ, ୧ ଲିଟର ଏସେନ୍ସ ଫ୍ଲେବର, ଗୋଟିଏ ମିନିଟ୍ରକ୍ ଏବଂ ଗୋଟିଏ ଡିପ୍ ଫ୍ରିଜ୍ ଜବତ ହୋଇଛି। କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଜେରା ପରେ ଏଭଳି ନକଲି ମଦ କାରବାରର ଚେର କୁଆଡ଼େ ଲମ୍ବିଛି ତାହା ଜଣାପଡ଼ିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।



ଜବତ ନକଲି ବିଦେଶୀ ମଦ ଏବଂ ଅନ୍ୟ ସାମଗ୍ରୀ।

### କନ୍ହେଇପାଳରେ ନକଲି ମଦ ବଟ୍‌ଲିଂ ପ୍ଲାଣ୍ଟ

- ୨୪୦୦ ଠିପି, ୧୦୦୦ ଖାଲି ବୋତଲ ଜବତ
- ଫ୍ଲାଇଂ ସ୍କ୍ୱାଡ୍ ହାତରେ ଧରାପଡ଼ିଲା ମାଷ୍ଟର ମାଇଣ୍ଡ

# କାନ୍ଥ ଭୁଶୁଡ଼ି ଶ୍ରମିକ ମୃତ, ୨ ଗୁରୁତର

**ଢେଙ୍କାନାଳ ଅଫିସ,୧୪।୩**

ଢେଙ୍କାନାଳ ସହର ଜବାହରଚୌକ ନିକଟରେ ସୋମବାର ମଧ୍ୟାହ୍ନରେ ଅଭାବନୀୟ ଘଟଣା ଘଟିଛି। ଦୋକାନ ଘର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଏଥିରେ ସଦର ଥାନା ବିରାଡ଼ିଆ ଗ୍ରାମର ଅଭିନ୍ନ ନାୟକ (୪୦), ସୋଗରପଶି ଗ୍ରାମର କରୁଣାକର ବେହେରା (୪୫) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସାମାନ୍ୟ ଆହତ ହୋଇଥିବା ଅନ୍ୟ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଜବାହରଚୌକରେ ଜଣେ ବ୍ୟବସାୟୀଙ୍କ ପୁରୁଣା ଦୋକାନର ନବୀକରଣ କାମ ଚାଲିଥିଲା। ଏଥିରେ ୬ ଶ୍ରମିକ ନିୟୋଜିତ ହୋଇଥିଲେ। କାମ ଚାଲିଥିବାବେଳେ ହଠାତ୍ ପୁରୁଣା ଇଟାକାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଶ୍ରମିକମାନେ ଚାପି ହୋଇଯାଇଥିଲେ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାର ତଦନ୍ତ କରି ବିଧିବଦ୍ଧ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୪।୩**

ଓଡ଼ାପଡ଼ା ବ୍ଲକ ପୋଡ଼ାପଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପଣ୍ଡା (୭୦)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଓଡ଼ାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ଅନ୍ତିମ ସମୟରେ ପୁଅ ତଥା ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ବିକାଶ ପଣ୍ଡାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। କରିଥିଲେ। ବସନ୍ତଙ୍କ ପରଲୋକରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।

# ‘ସ୍ମୃତିର ଶ୍ରଦ୍ଧା ସୁମନ -୨୦୨୨’ ଉନ୍ମୋଚିତ



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୪।୩**

ଢେଙ୍କାନାଳ ଲେଖକ ସଂସଦ ସାଣ୍ଡିଲ୍ୟ ବସନ୍ତ ଭବନ ସଭାଗୃହରେ ଶିକ୍ଷାବିତ୍ ଶତ୍ରୁଘ୍ନ ଭୂତିଆଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭୂତିଆଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତାରାପ୍ରସାଦ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ‘ସ୍ମୃତିର ଶ୍ରଦ୍ଧା ସୁମନ-୨୦୨୨’ ପୁସ୍ତିକା ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ରବିନାରାୟଣ ଶତପଥୀ, ବକ୍ତା ପ୍ରେମାନନ୍ଦ ଶତପଥୀ, ସମ୍ମାନିତ ବକ୍ତା ଶିକ୍ଷାବିତ୍ ଡ.ଦେବୀପ୍ରସାଦ ମିଶ୍ର ଯୋଗଦେଇ ଜ୍ୟୋତିର୍ମୟୀଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଭାସିନୀ ମହାକୁଡ଼, ଡ. ପୁଷ୍ପଲତା ରଥ, କବି ବାହାଦୁର ପାଟସାହାଣୀ, ପ୍ରାଧ୍ୟାପକ ଧନେଶ୍ୱର ସାହୁ, ପଣ୍ଡିତ ମନୋରଞ୍ଜନ ନନ୍ଦ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ଜ୍ୟୋତ୍ସ୍ନାମୟୀ ଭୂତିଆ ସଭା ପରିଚାଳନା କରିଥିବାବେଳେ ସଦସ୍ୟ ଡ. ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

**ସାତମାଇଲ, ୧୪।୩(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଦୁଦୁରୁକୋଟ କରଣସାହିରେ ୩ଦିନିଆ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ବେଣୁଧର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳସଯାତ୍ରା, ଅଧିବାସ ଏବଂ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିଲୀପ ପଟ୍ଟନାୟକ, ଚମ୍ପାବତୀ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଶାନ୍ତନୁ ରଥ ପୁରୋଧା ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସ୍ଥାନରୁ ୪୩ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ କୀର୍ତ୍ତନ କରିଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ରାଧାକୃଷ୍ଣଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଦଧିହାଣ୍ଡି ଭାଙ୍ଗିବା ପରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା।

# ପୂରଣ ହେବ ଦୃଷ୍ଟିହୀନ ମଧୁମିତାଙ୍କ ସ୍ୱପ୍ନ

**ଢେଙ୍କାନାଳ ଅଫିସ, ୧୪।୩**

ଏଥର ହାର୍‌ମୋନିୟମ ଉପରେ ଚାଲିବ ଅଙ୍ଗୁଳି। ଜନ୍ମରୁ ଆଖି ନାହିଁ ବୋଲି ଯେଉଁ ଅବସୋସ ରହିଯାଇଛି, ସେହି କ୍ଷତକୁ ଅନେକାଂଶରେ ଉପଶମ ହେବ। ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ହାରମୋନିୟମ୍ ଦିଆଯିବା ପରେ ଦୃଷ୍ଟିହୀନ ମଧୁମିତା ସାହୁଙ୍କୁ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ହେବାର ସ୍ୱପ୍ନକୁ ନୂଆ ଦିଗ ମିଳିଛି, ଯାହାକୁ ନେଇ ସେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏକତାଳି ପଞ୍ଚାୟତ ନିମେଇପୁର ଗ୍ରାମର ଅନାଦି ଚରଣ ସାହୁ ଏବଂ ସୁମତି ସାହୁଙ୍କ ୩ ସନ୍ତାନଙ୍କ ମଧ୍ୟରେ ଏକମାତ୍ର କନ୍ୟା ମଧୁମିତା। ସେ ଜନ୍ମରୁ ଦୃଷ୍ଟିହୀନ। ଗରିବ ଚାଷୀ ପରିବାରର ଆର୍ଥିକ ଅନଟନ ତାଙ୍କ ସଙ୍ଗୀତ ଯାତ୍ରାରେ ସୃଷ୍ଟି କରିଥିଲା ପ୍ରତିବନ୍ଧକ। ହେଲେ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ନ ଥିଲେ ମଧୁମିତା। ବହୁ କଷ୍ଟରେ ବିଏ ପାସ୍ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତି ବିଭାଗରେ ଓଡ଼ିଶୀ ଭୋକାଲରେ ସେ ପିଜି କରୁଛନ୍ତି। ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଥିଲେ ହେଁ, ଗୁରୁତ୍ୱର ଆର୍ଥିକ ପରିସ୍ଥିତି ଏଥିରେ ପ୍ରତିବନ୍ଧକ ସାଜିଛି। ଏଥିଲାଗି ସୋମବାର ବାପାଙ୍କ ସହ ମଧୁମିତା ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ସହାୟତା କରିବାକୁ ନିବେଦନ କରିଥିଲେ। ମଧୁମିତାଙ୍କ ଚମତ୍କାର କଣ୍ଠରେ ଜିଲାପାଳ ଅଭିଭୂତ ହୋଇଥିବାବେଳେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ହାର୍‌ମୋନିୟମ କିଣିବା ଲାଗି ଅର୍ଥ ମଞ୍ଜୁର କରିଥିଲେ। ଏଥିସହ ତାଙ୍କୁ ଅନ୍ତ୍ୟୋଦୟ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି। ସେହିପରି ଅନାଦିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରିବାକୁ ଜିଲାପାଳ ଭୁବନ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ଗୀତ ଅଭ୍ୟାସ ପାଇଁ ମଧୁମିତାଙ୍କୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଜରିଆରେ ଏକ ହାରମୋନିୟମ ପ୍ରଦାନ କରାଯାଇଛି। ତାଙ୍କ ପରିବାରକୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇଛି। ଆଗାମୀ ଦିନରେ ସେବାଶ୍ରମ ବିଦ୍ୟାଳୟରେ ତାଙ୍କୁ ନିଯୁକ୍ତି ଲାଗି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।



ଜିଲାପାଳଙ୍କ ନିକଟରେ ମଧୁମିତା ଏବଂ ତାଙ୍କ ବାପା।

### ହାର୍‌ମୋନିୟମ କିଣିବାକୁ ସହାୟତା କଲେ ଜିଲାପାଳ

